ମେଲ୍ ବକ୍ସ କ୍ଲବ୍ ଉପସ୍ଥାପନ କରୁଛି...



# ଅନ୍ୱେଷୀବୃନ୍ଦ କ୍ଲବ୍

ନାମ

______________________________________



# ସୂଚୀପତ୍ର


**ପାଠ**

1 ଈଶ୍ୱର କାହାପରି ? ଭାଗ ଏକ

2 ଈଶ୍ୱର କାହାପରି ? ଭାଗ ଦୁଇ

3 ଆମେ କେଉଁଠାରୁ ଆସିଅଛୁ ?

4 କିଏ ଆମର ଶତ୍ରୁ ?

5 କିଏ ପ୍ରତିଜ୍ଞାତ ତ୍ରାଣକର୍ତ୍ତା ?

6 ଯୀଶୁ ମୃତ୍ୟୁରୁ ଉଠିଲେ !

7 ଚାରୋଟି ପ୍ରଶ୍ନ

8 ମୁଁ ଜଣେ ଈଶ୍ୱରଙ୍କର ସନ୍ତାନ ହୋଇପାରିବି !

9 ଯୀଶୁ ପୁନର୍ବାର ଆସୁଛନ୍ତି

10 ଈଶ୍ୱର ଚାହାଁନ୍ତି ମୁଁ ୪ଟି ବିଷୟ ଜାଣେ

11 ଖ୍ରୀଷ୍ଟଙ୍କ ଠାରେ ଜଣେ ନୂତନ ବ୍ୟକ୍ତି

12 ଈଶ୍ୱରଙ୍କ ଅତି ଉତ୍ତମ ଉପହାର



**EXPLORERS 1 WORKBOOK:** ISBN 978-1-59480-593-6 www.mailboxclub.org


*NOTE: The King James Version is used in all Mailbox Club courses. We reserve the right to translate from the original texts where necessary to make the meaning clear to the reader.*


*Copyright © 2011 Explorers 1 The Mailbox Club International Illustrations by Stephen Bates*

# ଈଶ୍ୱର କାହାପରି ? ଭାଗ ଏକ

**ପ୍ରିୟ ବନ୍ଧୁ,**
**ଈଶ୍ୱର କାହାପରି ଭାବି କେବେ ତୁମେ ଆଶ୍ଚର୍ଯ୍ୟ ହୋଇଛ କି ? ଈଶ୍ୱର ଏତେ ମହାନ ଓ ଆଶ୍ଚର୍ଯ୍ୟ ଯେ, ଆମେ କଦାପି ତାଙ୍କ ବିଷୟରେ ସବୁ କିଛି ଜାଣି ପାରିବା ନାହିଁ । କିନ୍ତୁ ଈଶ୍ୱର ଆମକୁ ଏକ ଚମତ୍କାର ପୁସ୍ତକ ଦେଇଛନ୍ତି ଯାହା ତାଙ୍କ ବିଷୟରେ ଆମକୁ କହେ ।**

**ଏହା କେଉଁ ପୁସ୍ତକ ?** ଏହା ହେଉଛି ବାଇବେଲ, ଈଶ୍ୱରଙ୍କ ବାକ୍ୟ ବାଇବେଲ ଆମକୁ କହେ ଯେ, ଈଶ୍ୱର ସମସ୍ତ ବସ୍ତୁ ସୃଷ୍ଟି କରିଛନ୍ତି । ଈଶ୍ୱର ସୂର୍ଯ୍ୟ ଓ ଚନ୍ଦ୍ର ସୃଷ୍ଟି କଲେ । ସେ ଯେଉଁ ଅସଂଖ୍ୟ ତାରକାପୁଞ୍ଜ ସୃଷ୍ଟି କଲେ, ତାହା ରାତ୍ରିରେ ଆକାଶରେ ଝିଲିମିଲି କରୁଥାଏ । ଈଶ୍ୱର ପୃଥିବୀ ସୃଷ୍ଟି କଲେ । ଈଶ୍ୱର ପକ୍ଷୀ, ମାଛ ଏବଂ ପଶୁମାନଙ୍କୁ ସୃଷ୍ଟି କଲେ । ଈଶ୍ୱର ପ୍ରଥମେ ଆଦିମାନବ ଏବଂ ନାରୀ ସୃଷ୍ଟି କଲେ ।



**ଈଶ୍ୱର କାହିଁକି ଆମକୁ ସୃଷ୍ଟି କଲେ ?** ଆମେ ପରମେଶ୍ୱରଙ୍କୁ ପ୍ରେମ କରିବା ପାଇଁ ଏବଂ ତାଙ୍କ ପ୍ରେମ ପାଇବା ପାଇଁ ସୃଷ୍ଟି ହେଲୁ । ଈଶ୍ୱର ଆମ ସମସ୍ତଙ୍କୁ ଜାଣନ୍ତି ଏବଂ ପ୍ରେମ କରିନ୍ତି ।

**ଏହା ଈଶ୍ୱରଙ୍କୁ ଅନେକ ସନ୍ତୋଷ ଆଣି ଦିଏ,** ଯେତେବେଳେ ଆମେ ତାଙ୍କ ବିଷୟରେ ଜାଣୁ ଏବଂ ତାଙ୍କୁ ପ୍ରେମ କରିବାକୁ ଚାହୁଁ । ଈଶ୍ୱରଙ୍କୁ ଜାଣିବା ଓ ପ୍ରେମ କରିବା ଆମର ସର୍ବଶ୍ରେଷ୍ଠ କର୍ମ । ଏହା ପ୍ରକୃତରେ ଆମକୁ ସୁଖୀ କରାଏ ।

**ଏହି ପାଠରେ ଆମେ ଦେଖିବା,** ବାଇବଲ ଈଶ୍ୱରଙ୍କ ବିଷୟରେ କ'ଣ କହେ ? ଆମ୍ଭେମାନେ, ଆଶ୍ଚର୍ଯ୍ୟମୟ ଈଶ୍ୱର ଯେ କି ଆମକୁ ବହୁତ ପ୍ରେମ କରନ୍ତି ତାଙ୍କ ବିଷୟରେ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶିକ୍ଷା କରିବା ।

## ଈଶ୍ୱର ଜଣେ ବ୍ୟକ୍ତି

**ଏଠାରେ କେବଳ ଜଣେ ଈଶ୍ୱର ଅଛନ୍ତି** ସତ୍ୟ ଏବଂ ଜୀବିତ ଈଶ୍ୱର । ସେ କହିଲେ,"ଆମେ ସଦାପ୍ରଭୁ, ଆଉ ଦ୍ୱିତୀୟ କେହି ନାହିଁ, ଆମ୍ଭ ଛଡା ଆଉ ଈଶ୍ୱର ନାହାନ୍ତି ।" (ଯିଶାଇୟ ୪୫:୫)

ଈଶ୍ୱର ଏକ ଶକ୍ତି ନୁହଁନ୍ତି, ସେ ଜଣେ ଜୀବିତ ବ୍ୟକ୍ତି ଓ ସମସ୍ତଙ୍କୁ ଜାଣନ୍ତି ଏବଂ ପ୍ରେମ କରନ୍ତି । ଯେତେବେଳେ ଆମେ ତାଙ୍କୁ ଜାଣିବାକୁ ଚାହିଁବୁ, ସେ ଖୁସି ହେବେ । ସର୍ବୋପରି ଆମେ ତାଙ୍କୁ ହୃଦୟର ସହିତ ପ୍ରେମ କରିବାକୁ, ଈଶ୍ୱର ଚାହାଁନ୍ତି ।

## ଈଶ୍ୱର ଆତ୍ମା

ଯଦିଚ ଈଶ୍ୱର ଜଣେ ବ୍ୟକ୍ତି, ଆମପରି ତାଙ୍କର ଏକ ଶରୀର ନାହିଁ । ଈଶ୍ୱର ଆତ୍ମା ଆମେ ତାହାଙ୍କୁ ଦେଖି ପାରିବା ନାହିଁ । ଏହା ଏକ ଆତ୍ମା । ଯେତେବେଳେ ଈଶ୍ୱର ତୁମ୍ଭକୁ ସୃଷ୍ଟି କଲେ ସେ ତୁମ୍ଭକୁ ଏକ ଶରୀର ଦେଲେ । ସେ ତୁମ୍ଭକୁ ମଧ ଏକ ଆତ୍ମା ଦେଲେ । ତୁମର ଆତ୍ମା ତୁମ ଶରୀରରେ ବାସ କରେ । ଅନ୍ୟ ଲୋକମାନେ ତୁମ ଶରୀରକୁ ଦେଖିପାରନ୍ତି, କିନ୍ତୁ ସେମାନେ ତୁମ ଆତ୍ମାକୁ ଦେଖିପାରନ୍ତି ନାହିଁ । ଈଶ୍ୱର ସଂପୂର୍ଣ୍ଣ ଆତ୍ମା । ସେଥିପାଇଁ ଆମେ ତାଙ୍କୁ ଦେଖିପାରୁ ନାହୁଁ । ଈଶ୍ୱର କୌଣସି ପ୍ରତିମା ଉପାସନା ନ କରିବାକୁ ଆମକୁ କହିଛନ୍ତି । ବାଇବେଲ କହେ, "ଈଶ୍ୱର ଆତ୍ମା ପୁଣି ଯେଉଁମାନେ ତାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ ।" (ଯୋହନ ୪:୨୪)

ଯଦି ଆମେ ତାଙ୍କୁ ଦେଖିପାରୁ ନାହୁଁ, ପରମେଶ୍ୱର ସତ୍ୟ ଏବଂ ଜୀବନ୍ତ ଈଶ୍ୱର, ସେ ଆମକୁ ଜାଣିବାକୁ ଚାହାନ୍ତି, ଆମେ ଯେତେବେଳେ ତାଙ୍କୁ ଜାଣିବା, ଆମେ ତାଙ୍କୁ ପ୍ରେମ କରିବା, ଏବଂ ତାଙ୍କୁ ଯେତେବେଳେ ପ୍ରେମକରିବା ଆମେ ତାଙ୍କୁ ଭରସା କରି ପାରିବା, ଆମେ ତାଙ୍କୁ ସ୍ୱୀକାର କରି ପାରିବା ।

## ଈଶ୍ୱର ଗୌରବମୟ

**ପରମେଶ୍ୱରଙ୍କର ମହିମା ଏତେ** ଉଜ୍ଜ୍ୱଳ ଯେ ଆମେ ତାଙ୍କ ଆଡକୁ ଚାହିଁ ସହ୍ୟ କରିପାରିବା ନାହିଁ । ଆମେ ଉଜ୍ଜ୍ୱଳ ସୂର୍ଯ୍ୟଙ୍କ ଆଡକୁ ଚାହିଁ ସହ୍ୟ କରିପାରିବା ନାହିଁ । ଏହା ଆମ ଚକ୍ଷୁର କ୍ଷତି ଘଟାଏ । ଯଦି ଆମେ ଦୀର୍ଘ ସମୟ ଧରି ତାହାକୁ ଚାହିଁ ରହିବା, ଆମେ ଆମର ଦୃଷ୍ଟି ଶକ୍ତି ହରାଇବା ।

**ପରମେଶ୍ୱରଙ୍କ ମହିମା ସୂର୍ଯ୍ୟଠାରୁଆହ ଖର,** ସେଥିପାଇଁ ଆମେ ତାଙ୍କୁ ଦେଖିପାରୁ ନାହୁଁ । ଈଶ୍ୱର କହିଲେ, - "କାରଣ ମନୁଷ୍ୟ ଆମକୁ ଦେଖି ବଞ୍ଚିବ ନାହିଁ ।"(ଯାତ୍ରା ୩୩:୨୦)

**ବାଇବେଲ୍ ଆମକୁ ମୋଶା ନାମକ ଏକ ବ୍ୟକ୍ତିଙ୍କ ବିଷୟରେ କହେ**-ମୋଶା ଈଶ୍ୱରଙ୍କର ଜଣେ ବିଶେଷ ବନ୍ଧୁ ଥିଲେ । ସେ ଈଶ୍ୱରଙ୍କ ସହିତ କଥା ହେଲେ ଏବଂ ଈଶ୍ୱର ତାଙ୍କ ସହିତ ଅନେକ ଥର କଥା ହେଲେ, ମାତ୍ର ମୋଶା କେବେ ଈଶ୍ୱରଙ୍କୁ ଦେଖି ନଥିଲେ ।



# ଈଶ୍ୱର ପବିତ୍ରମୟ

ଦିନେ ମୋଶା ଈଶ୍ୱରଙ୍କୁ ଏକ ବିଶେଷ ବିଷୟ ପଚାରିଥିଲେ । ସେ କହିଲେ,- "ବିନୟ କରୁଛି ତୁମେ ମୋତେ ଆପଣା ମହିମା ଦେଖାଅ ।" (ଯାତ୍ରା ୩୩:୧୮)

**ଈଶ୍ୱର ମୋଶାଙ୍କୁ କହିଲେ,** "ତୁମେ ଆମର ମୁଁହ ଦେଖିପାରିବ ନାହିଁ କାରଣ ମନୁଷ୍ୟ ଆମ୍ଭକୁ ଦେଖି ବଞ୍ଚିପାରିବ ନାହିଁ । ମାତ୍ର ମୁଁ ତୁମ୍ଭକୁ ପାହଡ ମଧରେ ଲୁଚାଇବି ଏବଂ ତାହାପରେ ମୁଁ ତୁମ୍ଭ ନିକଟ ଦେଇ ଗମନ କରିବି ।"

**ମୋଶା ପର୍ବତ ଉପରକୁ ଏକା ଉଠିଗଲେ ।** ଈଶ୍ୱର ତାଙ୍କୁ ପାହାଡ ମଝିରେ ଲୁଚାଇଦେଲେ । ଏହାପରେ- ଈଶ୍ୱର ମୋଶାଙ୍କ ନିକଟଦେଇ ତାଙ୍କ ମହିମାକୁ ଗତି କରାଇଲେ । ମୋଶା ଈଶ୍ୱରଙ୍କୁ ଦେଖିନଥିଲେ କିନ୍ତୁ ସେ ଈଶ୍ୱରଙ୍କ ମହିମାର କିଛି ଅଂଶ ଦେଖିଲେ । ଆଉ ତାଙ୍କର ମୁଖମଣ୍ଡଳ ଉଜ୍ଜ୍ୱଳ ଦେଖାଗଲା ।

**ଯେତେବେଳେ ମୋଶା ପର୍ବତ ଉପରୁ** ଓହ୍ଲାଇଲେ, ତାଙ୍କର ମୁଖମଣ୍ଡଳ ଏତେ ଉଜ୍ଜ୍ୱଳ ହୋଇଯାଇଥିଲା ଯେ, ଲୋକମାନେ ତାଙ୍କୁ ଭୟ କଲେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ,

ମୋଶା ଏବଂ ଲୋକମାନେ କହିଲେ,- "ହେ ସଦା ପ୍ରଭୁ ଦେବଗଣ ମଧରେ ତୁମ୍ଭ ତୁଲ୍ୟ କିଏ ?ତୁମ୍ଭ ସମାନ ପବିତ୍ରତାରେ ଆଦରଣୀୟ କିଏ..."? (ଯାତ୍ରା ୧୫:୧୧)

ଏହାର ଅର୍ଥ ଈଶ୍ୱର ପବିତ୍ର ଓ ସମ୍ପୂର୍ଣ୍ଣ ଏବଂ ତାଙ୍କଠାରେ ଲେଶମାତ୍ର ପାପ ନାହିଁ । ବାଇବଲରେ ଅନେକ ସ୍ଥାନରେ ଅନ୍ଧାରକୁ ପାପ ବୋଲି ବୁଝାଇଥାଏ । ବାଇବଲ ଈଶ୍ୱରଙ୍କ ବିଷୟରେ କହେ, "ଈଶ୍ୱର ଜ୍ୟୋତି, ତାଙ୍କ ଭିତରେ ଅନ୍ଧକାର (ପାପ) ଆଦୌ ନାହିଁ" (୧ମ ଯୋହନ ୧:୫)।

ଈଶ୍ୱର ସମ୍ପୂର୍ଣ୍ଣ ଜ୍ୟୋତି ଏବଂ ମହିମାମୟ । ଈଶ୍ୱର ପବିତ୍ର । ଈଶ୍ୱର କଦାପି ପାପ କରିନ୍ତି ନାହିଁ, ଈଶ୍ୱର ସର୍ବଦା ଯାହା ଭଲ ଏବଂ ଠିକ୍ ତାହା କରନ୍ତି । କୌଣସି ପାପମୟ ବିଷୟ ଈଶ୍ୱରଙ୍କ ଉପସ୍ଥିତିକୁ ଆସେ ନାହିଁ । ବାଇବଲ କୁହେ, "ସଦାପ୍ରଭୁ ଆମ୍ଭର ଈଶ୍ୱର ପବିତ୍ର ।" (ଗୀତସଂହିତା ୯୯:୯)

**ଯିଶାଇୟ ନାମକ ଜଣେ ମହାପୁରୁଷ ଙ୍କ** ସହ ଥରେ ଦର୍ଶନରେ ଈଶ୍ୱର କଥା ହେଲେ । ଦର୍ଶନ ସ୍ୱପ୍ନ ପରି ଅଟେ । ଯିଶାଇୟ ଈଶ୍ୱରଙ୍କୁ ସିଂହାସନ ଉପରେ ବସିଥିବାର ଦେଖିଲେ । ତାଙ୍କ ସିଂହାସନ ଚତୁଃପାର୍ଶ୍ୱରେ ଅନେକ ଦୂତ ଈଶ୍ୱରଙ୍କୁ ପ୍ରଶଂସା କରୁଥିଲେ ଏବଂ କହୁଥିଲେ, "ସୈନ୍ୟାଧିପତି ସଦାପ୍ରଭୁ ଧର୍ମମୟ, ଧର୍ମମୟ,ଧର୍ମମୟ ।ସମୁଦାୟ ପୃଥିବୀ ତାଙ୍କ ମହିମାରେ ପରିପୂର୍ଣ୍ଣ ।" (ଯିଶାଇୟ ୬:୩)

**ଯେତେବେଳେ ଯିଶାଇୟ ଈଶ୍ୱରଙ୍କର** ସେ ଦୃଶ୍ୟ ଦେଖିଲେ ସେ ଭୟଭୀତ ହୋଇଥିଲେ । ତାଙ୍କୁ ଜଣାଇ ଦିଆ ଯାଇଥିଲା ଯେ ସେ ଜଣେ ପାପୀ ମାତ୍ର ଈଶ୍ୱର ପବିତ୍ର ଅଟନ୍ତି ।



# ପବିତ୍ର ଈଶ୍ୱର



## ଈଶ୍ୱର ପ୍ରେମମୟ

**ଏହାର ଅର୍ଥ ଈଶ୍ୱର ଆମକୁ ପ୍ରେମ କରନ୍ତି** ଏବଂ ଆମ ପାଇଁ ଯାହା ସବୁଠାରୁ ଭଲ ତାହା ଚାହିଁଥାନ୍ତି ।

**ଆମେ କିପରି ଜାଣିବା ଈଶ୍ୱର ଆମକୁ ପ୍ରେମ କରନ୍ତି ବୋଲି ?** ଆମେ ଦୁଇଟି ବିଷୟ ଜାଣୁ ।

- **ଈଶ୍ୱର ସେପରି କହିଥିଲେ,** ଈଶ୍ୱର ତାଙ୍କ ବାକ୍ୟରେ କହନ୍ତି, "ଆମେ ଚିରସ୍ଥାୟୀ ପ୍ରେମରେ ତୁମକୁ ପ୍ରେମ କରି ଆସିଅଛୁ " (ଯିରିମୟ ୩୧ :୩)।
- **ଆମ୍ଭମାନଙ୍କର ପାପର** ଦଣ୍ଡ ଭୋଗ କରିବା ପାଇଁ ଈଶ୍ୱର ତାଙ୍କର ପୁତ୍ରଙ୍କୁ ଦେଲେ ।

**ଈଶ୍ୱର ତାଙ୍କ ପୁତ୍ରକୁ ଦେଇ,** ଆମ୍ଭମାନଙ୍କ ପ୍ରତିଥିବା ପ୍ରେମ ଭାବକୁ ପ୍ରଦର୍ଶନ କଲେ । ପ୍ରଭୁ ଯୀଶୁ ଆମ ପାପ ନିମନ୍ତେ ଅର୍ଥାତ୍ ଆମେ ସମସ୍ତ ମନ୍ଦ କଥା କହୁଛୁ ଏବଂ କରୁଛୁ ସେଥିପାଇଁ ଯୀଶୁ କ୍ରୁଶବିଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ । ବାଇବେଲ କହେ, "ଆମ୍ଭେମାନେ ପାପୀଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।" (ରୋମୀୟ ୫:୮)

**ତୁମେ ହୁଏତ ଭାବୁଛ,** "ମୁଁ କହିଥିବା ଓ କରିଥିବା ସମସ୍ତ ମନ୍ଦ ବିଷୟ ସମ୍ବନ୍ଧରେ ଈଶ୍ୱର କ'ଣ ଜାଣନ୍ତି ? ହଁ, ଈଶ୍ୱର ସେ ସମସ୍ତ ବିଷୟ ଜାଣନ୍ତି, କିନ୍ତୁ ସେ ତୁମକୁ ତଥାପି ତାଙ୍କର ସମସ୍ତ ଅନ୍ତକରଣ ସହିତ ପ୍ରେମ କରନ୍ତି। ତୁମ ଜୀବନର ପ୍ରତିଟି ମୁହୁର୍ତ୍ତରେ ତୁମକୁ ପ୍ରେମ କରନ୍ତି ।"

**ପ୍ରଭୁ ଯୀଶୁ ମୋ ପାପ** ପାଇଁ ମୃତ୍ୟୁ ଭୋଗ କଲେ । କିନ୍ତୁ ସେ ମୃତ ହୋଇ ରହିଲେ ନାହିଁ । ତୃତୀୟ ଦିବସରେ ସେ ପୁନଃରୁତ୍ଥିତ ହେଲେ । ସେ ଆମର ଜୀବିତ ତ୍ରାଣକର୍ତ୍ତା ! ଈଶ୍ୱର ଚାହାନ୍ତି, ତୁମେ ଯେପରି ତାଙ୍କୁ ବିଶ୍ୱାସ କରିବ ଯେ ତୁମ ପାପ ପାଇଁ ସେ ମୃତ୍ୟୁ ଭୋଗ କରିଥିଲେ ଏବଂ ତୁମର ତ୍ରାଣକର୍ତ୍ତା ରୂପେ ପୁନରୁତ୍ଥିତ ହୋଇଥିଲେ ।

**ତୁମେ ଜାଣ କି ଈଶ୍ୱର ସବୁବେଳେ ତୁମ ପାଖରୁ କଣ ଚାହାନ୍ତି ?** ସେ ତୁମର ସର୍ବାନ୍ତକରଣର ପ୍ରେମ ଚାହାନ୍ତି !

**ତୁମେ ଯେତେବେଳେ ସର୍ବାନ୍ତକରଣରେ ତାଙ୍କୁ** ପ୍ରେମ କରିବାକୁ ଚାହିଁବ ତାହା ଈଶ୍ୱରଙ୍କର ସନ୍ତୋଷ ଜନ୍ମାଇବ । ବାଇବଲରେ ରାଜା ଦାଉଦ ଜଣେ ମହାନ ବ୍ୟକ୍ତିତ୍ୱ ଥିଲେ । ସେ ଈଶ୍ୱରଙ୍କୁ ପ୍ରେମ କରିବାକୁ ବାଛି ନେଇଥିଲେ । ସେ କହିଲେ,- "ହେ ସଦାପ୍ରଭୁ ! ମୁଁ ତୁମକୁ ପ୍ରେମ କରିବି ।" ଏହା ଈଶ୍ୱରଙ୍କୁ ସନ୍ତୁଷ୍ଟ କରିଥିଲା । ରାଜା ଦାଉଦ ଯେପରି କରିଥିଲେ, ଯଦି ତୁମେ ସେପରି ତାହାଙ୍କୁ ପ୍ରେମ କରିବାକୁ ମନୋନୀତ କରିବ, ତେବେ ଈଶ୍ୱର ଖୁବ୍ ସନ୍ତୁଷ୍ଟ ହେବେ । ତୁମକୁ ସାହାଯ୍ୟ କରିବାକୁ ଏଠାରେ ଏକ ପ୍ରାର୍ଥନା ପ୍ରଦ ହୋଇଛି ।

**"ହେ ପ୍ରଭୁ ମୁଁ ବହୁତ ଖୁସି । ତୁମେ ମତେ ପ୍ରେମ କରିବାର ସୁଯୋଗ ଦେଇଥିବାରୁ ମୁଁ ଅନେକ ଖୁସି, ମୁଁ ତୁମକୁ ସର୍ବାନ୍ତକରଣରେ ପ୍ରେମ କରିବାକୁ ଚାହେଁ । ମୋତେ ପ୍ରେମ କରିଥିବାରୁ ତୁମର ପ୍ରିୟ ପୁତ୍ର ପ୍ରଭୁ ଯୀଶୁ ମୋ ପାପ ନିମନ୍ତେ କ୍ରୁଶବିଦ୍ଧ ହୋଇ ମୃତ୍ୟୁବରଣ କରିଥିବାରୁ ମୁଁ ତୁମକୁ ଧନ୍ୟବାଦ ଦେଉଛି ।"**




### "ମୁଁ କିପରି ଈଶ୍ୱରଙ୍କର ଜଣେ ସନ୍ତାନ ହୋଇପାରିବି ?"

କ. ସ୍ୱୀକାର କର ଯେ ତୁମେ ଜଣେ ପାପୀ ।

ଖ. ଯୀଶୁ ତୁମର ପାପ ନିମନ୍ତେ ମୃତ୍ୟୁବରଣ କରିଛନ୍ତି ବୋଲି ବିଶ୍ୱାସ କର ।

ଗ. ଯୀଶୁଙ୍କ ପାଖକୁ ଆସ ଏବଂ ତାହାଙ୍କୁ ତୁମର ତ୍ରାଣକର୍ତ୍ତା ରୂପେ ଗ୍ରହଣ କର ।

"ପ୍ରଭୁ ଯୀଶୁ, ମୁଁ ମୋର ପାପ ପାଇଁ ପ୍ରକୃତରେ ଦୁଃଖିତ । ମୁଁ ବିଶ୍ୱାସ କରେ ଯେ ତୁମେ ଈଶ୍ୱରଙ୍କର ପୁତ୍ର ଏବଂ ମୋ'ର ପାପ ପାଇଁ ତୁମେ ମୃତ୍ୟୁବରଣ କରିଛ । ଏବେ ମୁଁ ତୁମକୁ ବ୍ୟକ୍ତି ଗତ ଭାବେ ଜାଣୁ ଛି ଓ ମୋର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରୁଛି ।"


# ମୋର ମୁଖସ୍ଥ ପଦ



# ଗୁପ୍ତ ଧନ

ଗୁପ୍ତ ସଂକେତ ବ୍ୟବହାର କରି ଗୁପ୍ତ ଧନ ଆବିଷ୍କାର କର





# ପ୍ରଶ୍ନପୃଷ୍ଠା

**ଅନ୍ୱେଷୀବୃନ୍ଦ: ୧ - ପାଠ: ୧**

**ଉଦାହରଣ: ସ୍ୱର୍ଗ ଏପରି ଏକ ସ୍ଥାନ, ଯେଉଠାରେ ଅଛି**

**ଖ**

କ. ଅଳ୍ପ ପାପ

ଖ. ଆଦୌ ପାପନାହିଁ ।

**୧. ଈଶ୍ୱର କାହାପରି ?**

☐ କ. ଜଗତର ମଙ୍ଗଳ ପାଇଁ ଈଶ୍ୱର ଏକ ଶକ୍ତି ଅଟନ୍ତି ।

ଖ. ଈଶ୍ୱର ଏକ ଜୀବନ୍ତ ବ୍ୟକ୍ତି ଯେକି ଆମକୁ ଜାଣନ୍ତି ଏବଂ ପ୍ରେମ କରନ୍ତି ।

**୨. ଆମ୍ଭେ ଈଶ୍ୱରଙ୍କୁ ଦେଖିପାରୁ ନାହୁଁ କାରଣ:**

☐ କ. ଈଶ୍ୱର ଆତ୍ମା ।ଏବଂ ଆମ୍ଭେ ଆତ୍ମାକୁ ଦେଖିପାରିବା ନାହିଁ ।

ଖ. ଈଶ୍ୱର ଆମ୍ଭ ଠାରୁ ଏତେ ଦୂରରେ ଅଛନ୍ତି ଯେ ଆମେ ତାଙ୍କୁ ଦେଖି ପାରିବା ନାହିଁ ।

**୩. ଈଶ୍ୱର ପବିତ୍ର ବୋଲି ବାଇବେଲ କହିବାର ଅର୍ଥ କଣ ?**

☐ କ. ଈଶ୍ୱର ଅତି ଉତ୍ତମ ।

ଖ. ଈଶ୍ୱର ଶୁଦ୍ଧ, ଯଥାର୍ଥ ଏବଂ ପାପଶୂନ୍ୟ ।

**୪. ଆମେ ଜାଣୁ, ଈଶ୍ୱର ଆମକୁ ପ୍ରେମ କରନ୍ତି, କାରଣ:**

☐ କ. ଆମର ପାପ ନିମନ୍ତେ ମୃତ୍ୟୁଭୋଗ କରିବାକୁ ସେ ଆପଣା ପୁତ୍ରଙ୍କୁ ଦେଲେ ।

ଖ. ସେ ତାହା କରନ୍ତି ବୋଲି ଆମେ ଅନୁଭବ କରୁ ।

**୫. ଈଶ୍ୱର ଆମଠାରୁ ସର୍ବାଧିକ କ'ଣ ଚାହାଁନ୍ତି ?**

☐ କ. ଆମର ସର୍ବାନ୍ତକରଣର ପ୍ରେମ ।

ଖ. ଆମର ଉତ୍ତମ କର୍ମ ।

**ତୁମ ମୁଖସ୍ଥ ପଦ ଏଠାରେ ଲେଖ:**



**ଟ୍ରେଜର୍ ହଣ୍ଟ୍ ଗୋଲକଧନ୍ଦାର ଉତ୍ତର ଲେଖନ୍ତୁ:**

ନାମ ________________ ଜନ୍ମ ତାରିଖ ___/___/___ ବୟସ ________

ଡାକ ବିକଣା ________________________

# ଯୀଶୁଙ୍କ ସହିତ ମୋର ଯାତ୍ରା

1 ଏହି ପାଠରୁ ଆପଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କେଉଁ ବିଷୟ ଶିକ୍ଷା କଲେ ?

2 ଆପଣ ଏହି ପାଠରୁ ବୁଝିପାରୁ ନ ଥିବା କୌଣସି ବିଷୟ ଅଛି କି ?

3 ଆପଣଙ୍କର କୌଣସି ବିଶେଷ ଆବଶ୍ୟକତା ବା ପ୍ରାର୍ଥନା ଅନୁରୋଧ ଅଛି କି ?

4 ଆମେ ଆପଣଙ୍‌କୁ ଏକ ପତିକର୍‌ା ଆରମଭ୍‌ କରିବାକୁ ଉତ୍‌ସାହିତ କରୁଛୁ |
ତୁମର ପାଥନର୍‌ରା, ପଶର୍‌ଂସା ଏବଂ ଭଗବାନଙ୍‌କୁ ଧନୟାବ୍‌ଦ ଲେଖ!

the Mailbox Club

Oriya